# ଗ୍ରାମୀଣ କୃଷି ମୌଷମ ସେବା
## ଭାରତୀୟ ପାଣିପାଗ ବିଭାଗ
### ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
### ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

**ସପ୍ତାହ ସଂଖ୍ୟା -୫୨**

Deepanjali Dugal,
Jr. Agrometeorologist

**ବୁଲେଟିନ ନମ୍ବର :୧୦୪**
**ତାରିଖ : ୨୯.୧୨.୨୦୨୩**
**(ଶୁକ୍ରବାର)**

## ଢେଙ୍କାନାଳ ଜିଲ୍ଲା

**ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା ୨୩.୧୨.୨୦୨୩ ରୁ ୨୯.୧୨.୨୦୨୩)**

| | |
|---|---|
| ବୃଷ୍ଟିପାତ (ମି.ମି.) | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୭.୪-୨୯.୭ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୨.୭-୧୭.୦ |

**ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୦୩ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା**

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 30-12-2023 | 0 | 28 | 15 | 0 | 82 | 32 | 5 | 112 |
| 31-12-2023 | 0 | 28 | 15 | 0 | 80 | 30 | 5 | 124 |
| 01-01-2024 | 0 | 29 | 15 | 0 | 79 | 29 | 5 | 117 |
| 02-01-2024 | 0 | 28 | 16 | 0 | 81 | 28 | 4 | 158 |
| 03-01-2024 | 0 | 28 | 16 | 3 | 83 | 28 | 5 | 146 |

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ପର୍ଯ୍ୟନ୍ତ ଶୁଖିଲା ପାଗ ଓ ଆକାଶ ପରିଷ୍କାରରୁ ଆଂଶିକ ମେଘୁଆ ରହିବାର ସମ୍ଭାବନା ରହିଛି । ଆଗାମୀ ୫ଦିନ ପର୍ଯ୍ୟନ୍ତ ପବନ ୦୪-୦୫ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୨୮°C-୨୯°C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୫°C-୧୬°C ମଧ୍ୟରେ ରହିବାର ସମ୍ଭାବନା ରହିଛି । ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୭୯ ରୁ ୮୩ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୨୮ ରୁ ୩୨ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି ।

## କୃଷିସୂଚନା

- ଧାନ ତଳିଘେରାକୁ ରାତ୍ରି ସମୟରେ ପଲିଥିନ ସାହାର୍ଯ୍ୟରେ ଘୋଡାଇ ରଖନ୍ତୁ ।
- ଶିତ ଲହରୀରୁ ରକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ତଳିଘେରାକୁ ବୋରେୱେଲ ପାଣି ଦ୍ୱାରା ଜଳସେଚନ କରନ୍ତୁ ଏବଂ ଠିଆ ପାଣି କାଟି ଦେଇ ମାଟିକୁ ଓଦା ରଖନ୍ତୁ।
- ସକାଳ ଓ ସନ୍ଧ୍ୟା ସମୟରେ ଶୀତ ଦିନିଆ ପନିପରିବାରେ ଜଳ ସେଚନ କରନ୍ତୁ ।
- ସଅଳ ଲଗାଯାଇଥିବା ଆଳୁ ଫସଲ ଏବେ ୩ ସପ୍ତାହ ଅବଧିରେ ଅଛି। କୋଡାଖୋସା ଏବଂ ଘାସ ବାଛି ୩୦-୪୫ କିଗ୍ରା ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ।

**ଡାଲୁଅ ଧାନ:**
ଯେଉଁ ଚାଷୀ ଭାଇ ମାନେ କାଦୁଅ ବୁଣା ଧାନ କରିବାକୁ ଯାଉଛନ୍ତି ମୂଳ ସାର ହିସାବରେ ଶେଷ କାଦୁଅ କରିବା ସମୟରେ ଏକର ପ୍ରତି ୩୫ କିଲୋଗ୍ରାମ ଡିଏପି, ୩୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ। ବାଲିଆ ଜମି ହୋଇଥିଲେ ଏକର ପ୍ରତି ୩୫ କିଲୋଗ୍ରାମ ଡିଏପି,୧୫ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ । ଜମିରେ ଜିଙ୍କ ଅଣୁସାରର ଅଭାବ ଦେଖା ଦେଉଥିଲେ ପ୍ରତି ୩ ବର୍ଷରେ ଏକର ପ୍ରତି ୧୦ କିଲୋଗ୍ରାମ ଜିଙ୍କ ସଲଫେଟ ୨୧ ଶତକଡା ଅଣୁସାରକୁ ଶେଷ କାଦୁଅ କରିବା ସମୟରେ ପ୍ରୟୋଗ କରନ୍ତୁ।

**ଚିନାବାଦାମ:**
ପ୍ରାଥମିକ ଅବସ୍ଥାରେ ପତ୍ର ସୁଡଙ୍ଗୀ ପୋକର ପରିଚାଳନା ପାଇଁ ଏକର ପ୍ରତି ୧ ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ ପିପିଏମକୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ରାସାୟନିକ ଉପାୟରେ ପାତ୍ର ସୁଡଙ୍ଗୀ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି **Profenophos** ନାମକ କୀଟନାଶକ କିମ୍ବା ୪୦୦ ମିଲି **Chloropyriphos** ଏବଂ **Cypermethrine** ର ମିଳିତ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ।

**ମୁଗ ଓ ବିରି :**
ବର୍ତ୍ତମାନ ସମୟରେ ମୁଗ ଓ ବିରି ଫସଲ ରେ ସାହେବୀ ରୋଗ ଲାଗିବାର ସମ୍ଭାବନା ଅଛି । ଧଳା ମାଛି, ସାହେବୀ ରୋଗର ବାହକ ଅଟେ । ଧଳା ମାଛିର ନିୟନ୍ତ୍ରଣ ପାଇଁ ଏକର ପ୍ରତି **triazophos @** ୪୦୦ ମିଲି କିମ୍ବା **Acetamipride @** ୪୦ ଗ୍ରାମ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**ଆମ୍ବ:**
ଆମ୍ବ ଗଛରେ ଦହିଆ ପୋକର ନିୟନ୍ତ୍ରଣ ପାଇଁ ଗଛର ଗଣ୍ଡି କୁ ପ୍ଲାଷ୍ଟିକ ଜରି ଦ୍ୱାରା ଆଚ୍ଛାଦିକରଣ କରନ୍ତୁ । ଯେପରିକି ଦହିଆ ପୋକ ଗଛ କୁ ଚଢି ପାରିବ ନାହିଁ ।

**ଆଳୁ:**
ଆଳୁ ବିହନ ଲଗାଇବାର ୨୧ ଦିନ ପରେ ଘାସ ବାଛି କୋଡାଖୁସା କରନ୍ତୁ । ଗଛ ଠାରୁ ୩ ରୁ ୪ ସେମି ବ୍ୟବଧାନ ରେ ୨ ପାର୍ଶ୍ୱ ରେ ୨ ରୁ ୩ ସେମି ଗଭୀରରେ ୨୭ କେଜି ୟୁରିୟା ଓ ୨୦ କେଜି ଏମ.ଓ.ପି କୁ ପ୍ରୟୋଗ କରି ମାଟି ଟେକି ଦିଅନ୍ତୁ । ଆଳୁରେ କଟା ପୋକ ଓ ପତ୍ର ଖିଆ ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି **chlorpyriphos @** ୪୦୦ ମିଲି, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ବନ୍ଧା କୋବି:**
ବନ୍ଧା କୋବିରେ ବର୍ତମାନ ପତ୍ର ଛନ୍ଦା ପୋକ ଓ ଧୂଆଁ ପତ୍ର ଗୋଟି ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମକୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ପରେ **Emamectin benzoate @** ୭୦ ଗ୍ରାମକୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**ଧଣିଆ:**
ବର୍ତ୍ତମାନ ଧଣିଆ ବୁଣିବା ପାଇଁ ଉପଯୁକ୍ତ ସମୟ । ଉର୍ନତ କିସମ ଯଥା **CO-1, CO-2, CO-3, Swati, Sadhana, Ram Selection and Udi** ଇତ୍ୟାଦି ।

**ପ୍ରାଣୀ ସମ୍ପଦ:**

ଓଦା ହୋଇଥିବା ନଡାକୁ ବା ପାଳକୁ ଗାଇଗୋରୁଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ ।  ଖାଇବାକୁ ଦେବା ପୂର୍ବରୁ ଖରାରେ ଭଲ ଭାବରେ ଶୁଖାଇ ଦିଅନ୍ତୁ । ଶୀତ ଋତୁରେ ଅଧିକ ଥଣ୍ଡା ସମୟରେ ଗାଇ ଗୁହାଳରେ ପୋଲିଥିନ କିମ୍ବା ଅଖା ଦ୍ୱାରା ଆଚ୍ଛାଦିକାରଣ ବ୍ୟବସ୍ଥା କରନ୍ତୁ ।

**ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଙ୍କ ଦ୍ୱାରା ସ୍ୱୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**